# Akashvani, Sambalpur

## SAMBALPURI NEWS EVENING BULLETIN

**3 September 2025- 7.02 pm- 7.12 pm.**

*********************************************

୧- କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଜିଏସ୍‌ଟି ପରିଷଦ୍ ବୈଠକ୍‌ଥି ଜିଏସ୍‌ଟି ସଂସ୍କାର୍ ବାବ୍‌ଦେ ହେଲା ଆଲୋଚନା ।

୨- ଦେଶର୍ ପ୍ରାଥମିକ ବିଦ୍ୟାଳୟମାନ୍‌କର୍ ସଙ୍ଗେ ଅଙ୍ଗନବାଡ଼ି କେନ୍ଦ୍ରମାନ୍‌କୁ ଜୁଡ଼୍‌ବାର୍ ଲାଗି ଜାରି ହେଲା ମାର୍ଗଦର୍ଶିକା ।

୩- ପୁରୀ ଶ୍ରୀମନ୍ଦିର୍ ପରିଚାଳନା କମିଟିର୍ ପହେଲା ବୈଠକ୍‌ଥି ଗଠନ୍ ହେଲା ୧୪ ଟା ଉପକମିଟି ।

- ଧାଡ଼ି ଦର୍ଶନ୍ ବ୍ୟବସ୍ଥା ଲାଗି ନିଆଗଲା ପଦକ୍ଷେପ୍ ।

ଆଉର୍

୪- ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର୍ ଲାଗି ସଂସ୍କୃତି ବିଭାଗ୍ ତରଫୁ ଦରଖାସ୍ତ ଆହ୍ୱାନ୍ ।

ଜିଏସ୍‌ଟି ପରିଷଦ୍ ବୈଠକ ଏନ୍‌ଏସ୍‌ଡି

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍‌ଙ୍କର୍ ଅଧ୍ୟକ୍ଷତାଥି ନୂଆଦିଲ୍ଲୀ ଠାନେ ଆଏଜ୍ ଜିଏସ୍‌ଟି ପରିଷଦ୍‌ର ୫୬ ନମ୍ବର୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର୍, ଟିକସ୍ ଦର୍ ସରଳୀକରଣ୍ ଆଉ ଅନୁପାଳନ୍ ବାବ୍‌ଦେ ଆଲୋଚନା କରାଯାଇଥିବାର୍ ଜନାପଡ଼ିଛେ । ବୈଠକ୍‌ଥି ଅର୍ଥମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ପଙ୍କଜ୍ ଚୌଧୁରୀ, ଓଡ଼ିଶାର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ଦିଲ୍ଲୀ, ଗୋଆ, ହରିଆଣା, ଜମ୍ମୁକାଶ୍ମୀର୍ ଆର୍ ମେଘାଲୟର୍ ମୁଖ୍ୟମନ୍ତ୍ରୀମାନେ ଯୋଗ୍ ଦେଇଛନ୍ । ଅଲ୍‌ଗା ରାଜ୍ୟମାନ୍‌କର୍ ଉପମୁଖ୍ୟମନ୍ତ୍ରୀ, ରାଜ୍ୟପାଲ୍ ଆର୍ ଅର୍ଥମନ୍ତ୍ରୀମାନେ ଭିଲ୍ ସାମିଲ୍ ହେଇଛନ୍ ।

ମୁଖ୍ୟମନ୍ତ୍ରୀ- ନୂଆଦିଲ୍ଲୀ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ କିଛି ସମିଆ ଉତ୍‌ରୁ ନୂଆଦିଲ୍ଲୀ ଓଡ଼ିଶା ନିବାସ୍ ନ ଓମ୍‌ଫେଡ୍ କାଫେ ଆର୍ କୋରାପୁଟ୍ କଫି କାଫେର୍ ଉଦ୍‌ଘାଟନ୍ କର୍‌ବେ । ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିଭାଗ୍, ଅନୁସୂଚିତ ଜାତି ଆଉ ଜନଜାତି ଉନ୍ନୟନ୍, ସଂଖ୍ୟାଲଘୁ ଆଉ ପଛୁଆବର୍ଗ କଲ୍ୟାଣ୍ ବିଭାଗ୍ ତର୍‌ଫୁ ଓଡ଼ିଶା ନିବାସ୍ ନ କାଫେ ମାନ୍‌କର୍

ଉଦ୍‌ଘାଟନ୍ କରାଯିବା । କାର୍ଯ୍ୟକ୍ରମ୍‌ଥି ଦୁହି ବିଭାଗ୍‌ର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଉ ଗୋକୁଳାନନ୍ଦ ମଲ୍ଲିକ୍ ଭିଲ୍ ଉପସ୍ଥିତ୍ ରହେବେ ।

ଧର୍ମେନ୍ଦ୍ର ପ୍ରଧାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ଆଉ ମହିଳା ଆଉ ଶିଶୁବିକାଶ୍ ମନ୍ତ୍ରଣାଳୟ ତର୍‌ଫୁ ପ୍ରାଥମିକ ବିଦ୍ୟାଳୟ ଆଉ ଅଙ୍ଗନବାଡ଼ି କେନ୍ଦ୍ରମାନ୍‌କେ ଜୁଡ଼୍‌ବାର୍ ଲାଗି ମାର୍ଗଦର୍ଶିକା ଜାରି କରାଯାଇଛେ । ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ ଜରିଏ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଉ କେନ୍ଦ୍ର ମହିଳା ଆଉ ଶିଶୁବିକାଶ୍ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ମିଶିକରି ମାର୍ଗଦର୍ଶିକାର୍ ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ବିକଶିତ ଭାରତ୍ ନ ମାନବ ସମ୍ବଲ୍ ଲାଗି ଗୁଟେ ବର୍‌କସ୍ ଭିତିଭୂମି ବନାବାର୍ ଦିଗେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଉଦ୍ୟମ୍ ସାକାର୍ କର୍‌ବାର୍ ଦିଗେ ଇଟା ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ଆଏ । ଇତାର୍ ଜରିଏ ଦେଶର୍ ପାଖାପାଖି ୧୫ କୋଟି ଛୁଆମାନ୍‌କର୍ ଯତନ୍ ଠିକ୍ ଭାବେ ହେଇପାର୍‌ବା । ତାର୍ ଉତ୍‌ରୁ ବିକଶିତ୍ ଭାରତ୍ -୨୦୪୭ ଆଉ ନିପୁଣ ଭାରତ୍ ଲକ୍ଷ୍ୟ ପୁରା ହେବା ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

## ଜୀବନ ଜିନ୍ଦାବାଦ୍ କାର୍ଯ୍ୟକ୍ରମ ହି.ସ.

ଶିକ୍ଷାନୁଷ୍ଠାନ୍ ପରିସର୍ ନ ଆତ୍ମହତ୍ୟା ଘଟ୍ନାକେ ଆଏତ୍ କର୍ବାର୍ ଲାଗି ଜିଲ୍ଲା ମୁଖ୍ୟାଲୟମାନ୍କେ ଜୀବନ ଜିନ୍ଦାବାଦ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା । ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉଚ୍ଚସ୍ତରୀୟ ବୈଠକ୍ଥି ଇ ନିଷ୍ପତି ନିଆଯାଇଛେ । ବୈଠକ୍ର୍ ସୂଚ୍ନା ଅନ୍ସାରେ ସେପ୍ଟେମ୍ବର୍ ୧୦ ତାରିଖ୍ନୁ ଜୀବନ୍ ଜିନ୍ଦାବାଦ୍ କାର୍ଯ୍ୟକ୍ରମ୍ ମୁଲ୍ କରାଯିବା । ଇଥି ମହାବିଦ୍ୟାଳୟ, ବିଦ୍ୟାଳୟର୍ ଛାତ୍ରଛାତ୍ରୀ ଆଉ ଯୁବବର୍ଗଙ୍କୁ ସାମିଲ୍ କରାଯିବା । ୭୦ ନୁ ଅଏତ୍କା କଲାକାର୍ ଭିଲ୍ ସାମିଲ୍ ହେଇକରି ଆତ୍ମହତ୍ୟା ବାଗିର୍ ପଦକ୍ଷେପ୍ ନାଇଁ ନେବାର୍କେ ଯୁଆନ୍ ବର୍ଗକେ ସଚେତନ୍ କର୍ବେ । ବୈଠକ୍ଥି ମୁଖ୍ୟ ଶାସନ୍ ସଚିବ, ପୁଲିସ୍ ମହାନିର୍ଦ୍ଦେଶକ୍, ଉଚ୍ଚଶିକ୍ଷା ବିଭାଗ୍ର ସଚିବ ଆଉ ଅଲ୍ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

## ରାସ୍ତା ମରାମତି- ପୂର୍ତ ମନ୍ତ୍ରୀ ହି.ସ.

ପୂଜା ଆଘୋନୁ ଇ ମାସର୍ ୨୦ ତାରିଖ୍ ତକ୍ ରାଜ୍ୟର୍ ସବୁ ସହର୍ ଇଲାକାର୍ ରାସ୍ତା ଘାଟ୍ ମରାମତି କାମ୍ ଶେଷ୍

କରାଯିବା ବଲି ପୂର୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ୍ କହିଛନ୍ । ସେ କହିଛନ୍, ଇ ବାବ୍‌ଦେ ଆଏବା ୬ ତାରିଖ୍ ଦିନ ଗୁଟେ ବୈଠକ୍ ବସ୍‌ବା । ବୈଠକ୍‌ଥି କଟକ, ଭୁବନେଶ୍ୱରର ସବୁ ବିଧାୟକ, ମେୟର, କମିଶନର୍‌ଙ୍କର୍ ସହେତେ ପୂର୍ତ ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ରହେବେ । ବୈଠକ୍‌ଥି ରାସ୍ତା ମରାମତି ଲାଗି ରଣନୀତି ତିଆର୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ ।

ବିଧାନ୍‌ସଭା ଷ୍ଟାଣ୍ଡି କମିଟି ବୈଠକ୍ ହି.ସ.

ଜନପ୍ରତିନିଧି ମାନେ ଶିକ୍ଷକ୍‌ମାନ୍‌କୁ ବଦ୍‌ଲି କର୍‌ବାର୍ ସୁପାରିଶ୍‌କେ ପ୍ରତ୍ୟାହାର୍ କର୍‌ବାର୍ ଲାଗି ବିଧାନ୍‌ସଭା କମିଟି ପ୍ରସ୍ତାବ୍ ଦେଇଛେ । ଶିକ୍ଷକ୍‌ମାନ୍‌କର୍ ବଦ୍‌ଲି ସୁପାରିଶ୍ କାର୍ଯ୍ୟକାରୀ ହେବାର୍‌ନୁ ବିଧାୟକ୍‌ମାନ୍‌କର୍ ଲାଗି ବହୁତ୍‌ଟେ ସମସ୍ୟା ଦେଖାଦଉଛେ । ଆଘୋନୁ ଯେନ୍ ବ୍ୟବସ୍ଥା ଥିଲା ସେ ବ୍ୟବସ୍ଥା ଜାରି ରଖାଯାଉ ବଲି ଆଏଜ୍ ବସିଥିବା ବିଧାନ୍‌ସଭା ଷ୍ଟାଣ୍ଡିଂ କମିଟିର୍ ବୈଠକ୍‌ଥି କମିଟିର୍ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ । ବୈଠକ୍‌ର ନିଷ୍ପତିକେ ସର୍‌କାର୍‌ଙ୍କୁ ପ୍ରସ୍ତାବ୍ ଦିଆଯିବା ବଲି ଶ୍ରୀ ସେଠୀ କହିଛନ୍ ।

ପରିଚାଳନା କମିଟି ବୈଠକ ପୁରୀ ସମ୍ବାଦଦାତା

ପୁରୀ ଗଜପତି ମହାରାଜ୍ ଶ୍ରୀ ଦିବ୍ୟସିଂହଦେବଙ୍କର୍ ଅଧ୍ୟକ୍ଷତାଥି ପୁରୀ ଶ୍ରୀମନ୍ଦିର୍ ନ ନୂଆଁ ପରିଚାଲନା କମିଟିର୍ ପହେଲା ବୈଠକ୍ ହେଇଯାଇଛେ । ଇ ଅବ୍ସରେ ଭିନ୍ ଭିନ୍ ବିଷେଥି ୧୪ ଟା ଉପକମିଟି ଗଠନ୍ କରାଯାଇଛେ । ସେଥିର୍ଭିତ୍ରେ ୪ ଟା ସ୍ଥାୟୀ କମିଟି ରହିଛେ । ଶ୍ରୀମନ୍ଦିର୍ ସୁରକ୍ଷାକେ ନେଇକରି ଭିଲ୍ ଉପକମିଟି ଗଠନ୍ କରାଯାଇଛେ ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ସୂଚ୍ନା ଦେଇଛନ୍ । ଶ୍ରୀ ପାଢ଼ୀ କହିଛନ୍, ବୈଠକ୍ଥି ନାଟମଣ୍ଡପ୍ ନ ଧାଡ଼ିଦର୍ଶନ୍କେ ଅନୁମୋଦନ୍ କରାଯାଇଛେ । ଖୋବ୍ ଜଲ୍ଦି ଧାଡ଼ି ଦର୍ଶନ୍ ବ୍ୟବସ୍ଥା ମୁଲ୍ କରାଯିବା ବଲି ଶ୍ରୀ ପାଢ଼ୀ କହିଛନ୍ ।
(ଭଏସ୍ ଓଭର୍- ଅରବିନ୍ଦ ପାଢ଼ୀ)

ବାମନ ଜନ୍ମ ନୀତି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍ ଭୁଦୋ ମାସର ଉଜଲ୍ ପଖର୍ ଦ୍ୱାଦଶୀ ତିଥି ଅବ୍ସରେ ବାମନ ଜନ୍ମ ନୀତି ହେବା । ଇଥିର୍ଲାଗି ମଧ୍ୟାହ୍ନ ଧୂପ ଛେକ ଆସ୍ବାର୍ ଉତ୍ରୁ ଉପର୍ବେଲା ୫ ବଜେନୁ ରାତିର୍ ୧୦ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତରଫୁ ସୂଚ୍ନା ଦିଆଯାଇଛେ ।

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର୍ I&PR

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର୍ ୨୦୨୩ ଆଉ ୨୦୨୪ ଲାଗି ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍ଫୁ ଦର୍ଖାସ୍ତ ଆହ୍ୱାନ୍ କରାଯାଇଛେ । ଆଗ୍ରହୀ ପ୍ରଯୋଜକ ମାନେ ଅକ୍ଟୋବର୍ ୪ ତାରିଖ୍ତକ୍ ଏଂଟ୍ରି ଫର୍ମ ସହେତେ ଦର୍କାରୀ କାଗଜ୍ ପତର୍ ଆର୍ ଫିଲ୍ମର ସଫ୍ଟ କପି ରେଜିଷ୍ଟର୍ ସ୍ପିଡ୍ ପୋଷ୍ଟ୍ କି ପାର୍ସଲ୍ ଜରିଏ ପଠାବାର୍କେ ବିଭାଗ୍ ତର୍ଫୁ କୁହାଯାଇଛେ । ଇ ବାବ୍ଦେ ଅଏତ୍କା ତଥ୍ୟ ଆଉ ନିୟମ୍ ବିଭାଗ୍ର ୱେବ୍ସାଇଟ୍ culture.odisha.gov.in ଥି ମିଲିପାର୍ବା ।

ଆୟୁଷ୍ମାନ୍ ବୟୋବନ୍ଦନା ଯୋଜ୍ନା I&PR

ଆୟୁଷ୍ମାନ୍ ବୟୋବନ୍ଦନା ଯୋଜ୍ନା ଏଛେନ୍କା ବରିଷ୍ଠ ନାଗରିକମାନ୍କର୍ ଅସମିଆଥି ସାହାରା ସାଜିଛେ । ଗଲା ଏପ୍ରିଲ୍ ୧୧ ତାରିଖ୍ନୁ ଓଡ଼ିଶାନୁ ମୁଳ୍ ହେଇଥିବା ଇ ଯୋଜ୍ନା ସହର୍ନୁ ଗାଁ ଇଲାକା ତକ୍ , ଉପକୂଳ ନୁ ଉପାନ୍ତ ଇଲାକା ତକ୍ ସବୁଆଡ଼େ ବରିଷ୍ଠ ନାଗରିକମାନ୍କର୍ ଭିତ୍ରେ ଗୁଟେ ନୂଆଁ ବିଶ୍ୱାସ୍ ଆଉ ଭର୍ସା ଆନିପାରିଛେ । ବଡ଼ ବଡ଼ ଡାକ୍ତର୍ଖାନାମାନ୍କେ ଚିକିତ୍ସା

ଖର୍ଚ୍ଚା ଇହାଦେ ମାହାଲିଆ ଆଉ ଅତି ସହଜ୍ ହେଇପାରିଛେ । ଇ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

*ଗଲା ଏପ୍ରିଲ୍ ୧୧ ତାରିଖ୍‌ନୁ ରାଏଜେ ମୁଲ୍ ହେଇଥିବା ଆୟୁଷ୍ମାନ୍ ବୟୋବନ୍ଦନା ଯୋଜ୍‌ନାର୍ ଲୋକପ୍ରିୟତା ବଢ୍‌ବାର୍‌କେ ଲାଗିଛେ । ୫ ମାସ୍‌ନୁ କମ୍ ସମିଆ ଭିତ୍‌ରେ ଅଗଷ୍ଟ ୩୧ ତାରିଖ୍‌ତକ୍ ରାଜ୍ୟର୍ ସବୁ ଇଲାକାନୁ ପାଖାପାଖି ୫ ଲାଖ୍ ୮୨ ହଜାର୍ ବରିଷ୍ଠ ନାଗରିକ୍ ଯୋଜ୍‌ନାଥି ସାମିଲ୍ ହେଇଛନ୍ । ଓଡ଼ିଶା ଆଉ ବାହାର୍ ରାଏଜେ ତାଲିକାଭୁକ୍ତ ହସ୍ପିଟାଲ୍ ମାନ୍‌କେ ରାଜ୍ୟର୍ ୧୦ ହଜାର୍ ଶହେ ୪୬ ଝନ୍ ବରିଷ୍ଠ ନାଗରିକ ଭିନ୍ ଭିନ୍ ଜଟିଳ ରୋଗ୍ ଲାଗି ମାହାଲିଆ ଚିକିତ୍ସା ସେବା ପାଇଛନ୍ । ସେମାନ୍‌କର୍ ଚିକିତ୍ସା ବାବ୍‌ଦେ ସର୍‌କାର୍ ୩ ହଜାର୍ ୯ ଶହ ୭୦ କୋଟି ଟଙ୍କା ଯୁଗେଇ ଦେଇଛନ୍ । ଯୋଜ୍‌ନାଥି କଲାହାଣ୍ଡି ଜିଲ୍ଲା କାମ୍‌ଥାନା ଗାଁର୍ ୭୨ ବଇସିଆ ଟି. ଲକ୍ଷ୍ମୀ ମାହାଲିଆ ଚିକିତ୍ସା ସାହାଜ୍ ପାଇକରି ନୂଆଁ ଜୀବନ୍ ପାଇପାରିଛନ୍ । ହୃଦ୍‌ରୋଗଥି ପିଡ଼ିତ ଥିବା ଟି. ଲକ୍ଷ୍ମୀ ଆୟୁଷ୍ମାନ୍ ବୟୋବନ୍ଦନ କାର୍ଡ୍ ଜରିଏ ଭୁବ୍‌ନେଶ୍ୱର୍‌ର ଗୁଟେ ଘରୋଇ ଡାକ୍ତର୍‌ଖାନା ନ ଭର୍ତି ହେଇକରି ଚିକିତ୍ସିତ୍ ହେଇଥିଲେ । ଅସ୍ତ୍ରୋପଚାର୍ ହେଲା ଉତ୍‌ରୁ ସେ ଇହାଦେ ସୁସ୍ଥ ଅଛନ୍ । ଚିକିତ୍ସା ବାବଦ୍ ତାଙ୍କୁ ଲାଖେ ୭୨ ହଜାର୍ ଟଙ୍କା ସର୍‌କାର୍‌ଙ୍କର୍ ତର୍‌ଫୁ ଯୁଗେଇ*

*ଦିଆଯାଇଥିଲା । କାର୍ଡ଼ର ସୁବିଧା ନାଇଁ ପାଇଥିଲେ ଜୀବନ୍ ଫିରି ନାଇଁ ପାଇଥିତେ ବଲି  ଭଲ୍ ହେଲା ଉତ୍ରୁ ଟି.ଲକ୍ଷ୍ମୀ କହିଛନ୍ ।   ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ବିସ୍ମିତା ପଧାନ୍ ।*

ବୌଦ୍ଧ ଜିଲ୍ଲାପାଲ୍ ସମୀକ୍ଷା            ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ଆଏଜ୍ କଂଟାମାଲ୍ ବ୍ଲକ୍ ନ ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପ ମାନ୍‌କର୍ ଅଗ୍ରଗତିର୍ ସମୀକ୍ଷା କରିଛନ୍ । ଜିଲ୍ଲାପାଲ୍ ଶ୍ରୀ ନାୟକ ବ୍ଲକ୍‌ର ମଲିକୁଦ, ଶ୍ରୀମାଲ, ଖୁଂଟିଗୋରା, ଉମା, ନାରାୟଣ ପ୍ରସାଦ୍ ଗାଁକେ ଯାଇକରି ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ନ ଥିତି ଅନୁଧ୍ୟାନ୍ କରିଛନ୍ । ଇ ଅବ୍‌ସରେ ମଧ୍ୟାହ୍ନ  ଭୋଜନ୍‌ର ମାନ ଯାଂଚ୍ କର୍‌ବାର୍ ସହେତେ ଛାତ୍ରଛାତ୍ରୀମାନ୍‌କର୍ ପାଠ୍‌ପଢ଼ା ଆଉ ଅଲ୍‌ଗା ସୁବିଧା ଅସୁବିଧା ପଚ୍‌ରେଇ ବୁଝଇଥିଲେ ।

ଅଧିକାରୀ,କର୍ମଚାରୀ-ତାଲିମ୍ ଶିବିର     ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ଓସ୍ୱାନ୍ ହଲ୍ ଠାନେ ଜିଲ୍ଲାର୍ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀ ଆଉ କର୍ମଚାରୀମାନ୍‌କର୍ ଗୁଟେ ତାଲିମ୍ ଶିବିର ହେଇଯାଇଛେ । ଅଧିକାରୀମାନେ ଆଭାସୀ ଜରିଏ ଯୋଗ୍

ଦେଇକରି ଫାଇଲ୍ କାମ୍ କାଜ୍ ଆଉ କମ୍ପ୍ୟୁଟର୍ ଜରିଏ ଫାଇଲ୍ କାମ୍ କର୍ବାର୍ ଲାଗି ତାଲିମ୍ ନେଇଥିଲେ । ଶିବିର୍ଥି ସବୁ ବିଭାଗ୍ର ଅଧିକାରୀ, କର୍ମଚାରୀ, ଗୋଷ୍ଠୀ ଉନ୍ନୟନ୍ ଅଧିକାରୀ, ତହସିଲ୍ଦାର୍ ଆଉ ଜିଲ୍ଲା ଇ-ପ୍ରଶାସନ ପରିଚାଳକ ଯୋଗ୍ ଦେଇଥିଲେ ।

ଆଦି କର୍ମଯୋଗୀ ଅଭିଯାନ          ଦେବ୍ଗଡ୍ ସମ୍ବାଦଦାତା

ଦେବ୍ଗଡ୍ ଜିଲ୍ଲା ସର୍କିଟ୍ ହାଉସ୍ ସମ୍ମିଲନୀ କକ୍ଷ ନ ଆଦି କର୍ମଯୋଗୀ ଅଭିଯାନ୍ ଶୁଭାରମ୍ଭ ହେଇଛେ । ୩ ଦିନିଆ କର୍ମଶାଳାକେ ଜିଲ୍ଲାପାଳ୍ କବିନ୍ଦ୍ର କୁମାର୍ ସାହୁ ଶୁଭାରମ୍ଭ କରିଛନ୍ । କାର୍ଯ୍ୟକ୍ରମ୍ଥି କେନ୍ଦ୍ର ସର୍କାର୍ଙ୍କର୍ ଧର୍ତି ଆବା ଜନଜାତୀୟ ଉତ୍କର୍ଷ ଗ୍ରାମ ଅଭିଯାନ୍ ଜରିଏ ଜିଲ୍ଲାର୍ ୫୨ ଟା ଗାଁକେ ସାମିଲ୍ କରାଯାଇଛେ । ଅଭିଯାନ୍ଥି ଆଦିବାସୀ ଗାଁମାନ୍କର୍ ସର୍ବାଙ୍ଗିନ ବିକାଶ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ମାନ୍ ନିଆଯିବା ବଲି ଜିଲ୍ଲାପାଳ୍ କହିଛନ୍ ।

ବୃତି ପରୀକ୍ଷା          ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ମାଧ୍ୟମିକ୍ ଶିକ୍ଷା ପରିଷଦ୍ ତର୍ଫୁ ପରିଚାଳିତ୍ ୫ ଶ୍ରେଣୀ ବୃତି ପରୀକ୍ଷା ଇ ମାସର୍ ୨୨ ତାରିଖ୍ନୁ ହେବା । ପରୀକ୍ଷା

ସଖାଲର୍ ୧୦ ବଜେନୁ ମୁଲ୍ ହେଇକରି ୧୨ ବଜେତକ୍ ଚାଲ୍ବା ।

ସେଆଡ଼େ ବୋର୍ଡ଼୍ ତର୍ଫୁ ଆଏବା ୧୦ ତାରିଖ୍ ହେବାର୍କେ ଥିବା ଜାତୀୟ ଗ୍ରାମାଂଚଲ୍ ମେଧାବୃତି ପରୀକ୍ଷା - ଏନ୍ଆର୍ଟିଏସ୍କେ ୧୯ ତାରିଖ୍ ଘୁଂଚାଯାଇଛେ ।

ବନ୍ୟା ଥିତି ହି.ସ.

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଝଁକେର୍ ଲାଗି ରହିଥିଲେ ଭିଲ୍ ବନ୍ୟା ପରିସ୍ଥିତି ସୃଷ୍ଟି ନାଇଁ ହେଇ ବଲି ଜଲ୍ସମ୍ପଦ୍ ବିଭାଗ୍ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର୍ ପାଢ଼ୀ କହିଛନ୍ । ଶ୍ରୀ ପାଢ଼ୀ କହିଛନ୍, ଯେନ୍ ହିସାବେ ଅନୁମାନ୍ କରାଯାଇଥିଲା ସେ ହିସାବେ ବର୍ଷା ନାଇଁ ହେଇ । ଭଦ୍ରକ୍ ଜିଲ୍ଲା ନ ବୈତରଣୀ ନଦୀର୍ ଜଲ୍ସ୍ତର୍ ବଢ଼ିଥିଲେ ଭିଲ୍ ବିପଦ୍ ସଙ୍କେତ୍ ନାଇଁନ । ୧୬ ଟା ବ୍ଲକ୍ ମୁଖ୍ୟାଲୟ ନ ଗଲାକାଏଲ୍ ୫୦ ମିଲିମିଟର୍ନୁ ଅଏତ୍କା ବର୍ଷା ରେକର୍ଡ଼୍ କରାଯାଇଛେ । ହୀରାକୁଦ୍ ଜଲ୍ଭଣ୍ଡାର୍ ନ ୬ ଟା ଗେଟ୍ ଦେଇକରି ବଏଢ଼୍ ପାଏନ୍ ଛଡ଼ାଯାଉଥିଲା ବେଲେ ରେଙ୍ଗାଲି ଜଲ୍ଭଣ୍ଡାର୍ ନ ଗୁଟେ ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ ବଲି ଶ୍ରୀ ପାଢ଼ୀ କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ବନିଥିବାର୍ ଲଘୁଚାପ୍ ବଲେ ରାଏଜେ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଘଡ୍‌ଘଡ଼ି ସହେତେ ବର୍ଷା ହେଇପାରେ । ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ନ ଘଡ୍‌ଘଡ଼ି ସହେତେ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।